সি. পদ্মা এবং অন্যমানে

বনাম

তামিলনাড়ু সরকারঙ্ক উপ সচিব এবং অন্যমানে

নভেম্বর 22, 1996

[কে. রামাস্বামী এবং জি.বি. পট্টনায়ক, ন্যায়মূর্ত্তিদ্বয়]

*ভূমি অধিগ্রহণ অধিনিয়ম, 1894:*

*ধারা-4(1), 6- শিল্প প্রতিষ্ঠা করিবা পাইঁ ভূমি অধিগ্রহণ- কার্য্যানুষ্ঠান চূড়ান্ত হেলা- জমি মালিকঙ্কু ক্ষতিপূরণ প্রদান করাগলা- পরে সরকারঙ্ক দ্বারা অধিগ্রহণ করাযাইথিবা জমি পট্টাধারী আধাররে অন্য এক সহায়ক কম্পানীকু দিআযাইথিলা- অধিগ্রহণকু এহি আধাররে আপত্তি করাযাইথিলা যে, যেউঁ সার্বজনীন উদ্দেশ্য পাইঁ অধিগ্রহণ করাযাইথিলা তাহা বাহার করিবা বন্দ হোইযাইথিলা- নির্ণ্ণিত, চুক্তিনামা অনুযায়ী, জমিজমা উপরে নির্দ্দিষ্ট সময়পাইঁ আইনগত অধিকার পুনঃ আরম্ভ পাইঁ সরকারঙ্কু সমর্পণ করাযাইথিলা- তা'পরে জমিগুড়িকু মূল কম্পানীর অন্য এক সহায়ক একীকৃত কম্পানীকু আবণ্টন করাযাইথিলা- তেণু, যেউঁ সার্বজনীন উদ্দেশ্য পাইঁ অধিগ্রহণ করাযাইথিলা তাহা অন্যএক সার্বজনীন উদ্দেশ্যরে প্রতিস্থাপিত হোইথিলা।*

দেওয়ানী অপিল অধিকারিতা : দেওয়ানী অপিল সংখ্যা- 15526/1996।

মাড্রাস উচ্চ ন্যায়ালয়র ডব্লু.এ. সংখ্যা- 712/1993 রে 29.6.93 র রায় এবং আদেশরু।

অপিলকারীমানঙ্ক পাইঁ জি.রামাস্বামী, ভি.বালাজী এবং এ.টি.এম্. সম্পথ।

উত্তরদাতামানঙ্ক পাইঁ রামসুব্রমণ্যম্, ই.আর্.কুমার, পি.এচ্. পারেখ এবং ভি. কৃষ্ণমূর্ত্তী।

ন্যায়ালয়র নিম্নলিখিত আদেশ প্রদান করাযাইথিলা:

অনুমতি প্রদান করাগলা।

আমে উভয় পক্ষর অধিবক্তাঙ্কু শুণিলু।

স্বতন্ত্র অনুমতি দ্বারা এহি অপিল মাড্রাস উচ্চ ন্যায়ালয়র খণ্ডপীঠর রায়রু উপুন্ন হোইছি, যাহা জুন 29, 1993রে ডব্লু.এ. সংখ্যা - 712/93 রে করাযাইথিলা।

স্বীকারযোগ্য স্থিতি হেউছি যে, ভূমি অধিগ্রহণ অধিনিয়মর ধারা- 4 (1) অধীনরে (সংক্ষেপরে, "অধিনিয়ম") জি.ও.আর্ সংখ্যা- 1392 ইণ্ডষ্ট্রিজ্ রে অক্টোবর 17,1962 রে প্রকাশিত অধিসূচনা অনুযায়ী,

# ସି. ପଦ୍ମା ବନାମ ତାମିଲନାଡୁ ସରକାରଙ୍କ ଉପ ସଚିବ

ତାମିଲନାଡୁର ଚେଙ୍ଗଲପାଟ୍ଟୁ ଜିଲ୍ଲାର ମାଧବରାମ ଗ୍ରାମ ସାଇଦାପେଟ୍ ତାଲୁକରେ ମୋଟ 6 ଏକର 41 ସେଣ୍ଟ୍ ଜମିର ଟିଭିଏଲ୍. ରିକୋଲ୍ଡ କେମିକାଲ ଇଣ୍ଡିଆ ଲିମିଟେଡ, ମାଡ୍ରାସ ଦ୍ୱାରା ସିନ୍ଥେଟିକ୍ ରସିନାର ଉତ୍ପାଦନ ପାଇଁ ଅଧିନିୟମ ଅଧ୍ୟାୟ VII ଅଧୀନରେ ଅଧିଗ୍ରହଣ କରାଯାଇଥିଲା । ଅଧିଗ୍ରହଣ ପ୍ରକ୍ରିୟା ଚୂଡ଼ାନ୍ତ ହୋଇଯାଇଥିଲା ଏବଂ 1964 ମସିହା ଏପ୍ରିଲ 30 ତାରିଖରେ ଜମିର ଦଖଲ ନିଆଯାଇଥିଲା । କମ୍ପାନୀ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ରାଜିନାମା ଅନୁଯାୟୀ, ଏହାକୁ ଟିଭିଏଲ୍. ସିମ୍ପସନ୍ ଆଣ୍ଡ ଜେନେରାଲ୍ ଫାଇନାନ୍ସ କମ୍ପାନୀକୁ ହସ୍ତାନ୍ତର କରାଯାଇଥିଲା, ଯାହା ରିକୋଲ୍ଡ କେମିକାଲ୍ସ ଇଣ୍ଡିଆ ଲିମିଟେଡର ଏକ ସହାୟକ କମ୍ପାନୀ ଅଟେ । ଏହା ଜଣାପଡେ ଯେ, ଉକ୍ତ କମ୍ପାନୀ ଦ୍ୱାରା କରାଯାଇଥିବା ଏକ ଅନୁରୋଧରେ, ଏକ ଏକର 37 ସେଣ୍ଟ୍ ମଧ୍ୟରୁ 66 ସେଣ୍ଟ୍ ଜମି ଯାହା ବିଷୟରେ ଅପିଲକାରୀମାନଙ୍କ ମୂଳ ମାଲିକାନା ଥିଲା, ଜି.ଓ.ଏମ୍.ଏସ୍ ସଂଖ୍ୟା- 816 ଇଣ୍ଡଷ୍ଟ୍ରିଜ୍ ମାର୍ଚ୍ଚ 24, 1971 ତାରିଖରେ ଅନ୍ୟ ସହାୟକ କମ୍ପାନୀ ସପକ୍ଷରେ ସ୍ଥାନାନ୍ତରିତ ହୋଇଥିଲା । ଶ୍ରୀ ରାମ ବିଳାସ ସର୍ଭିସ୍ ଲିମିଟେଡ୍, 5ମ ଉତ୍ତରଦାତା, ଯାହା କମ୍ପାନୀର ଅନ୍ୟ ଏକ ସହାୟକ କମ୍ପାନୀ ମଧ୍ୟ ଅଟେ, ଦୁଇ ଏକର 75 ସେଣ୍ଟ୍ ଜମି ପାଇଁ ଅନୁରୋଧ କରିଥିଲେ ; ଜି.ଓ.ଏମ୍.ଏସ୍. ସଂଖ୍ୟା- 439 ଇଣ୍ଡଷ୍ଟ୍ରିଜ୍ 10 ମେ, 1985 ତାରିଖରେ ରାଜିନାମା ଅନୁଯାୟୀ ପୁନର୍ଦଖଲ ହେବା ପରେ ଏହା ସରକାରଙ୍କ ଦ୍ୱାରା ପଟ୍ଟାଭୁକ୍ତ ଆଧାରରେ ଦାୟିତ୍ୱ ଦିଆଯାଇଥିଲା । ଜି.ଓ.ଏମ୍.ଏସ୍. ସଂଖ୍ୟା-546 ଇଣ୍ଡଷ୍ଟ୍ରିଜ୍ ମାର୍ଚ୍ଚ 30,1986 ତାରିଖରେ, ଏହାକୁ ଅନୁମୋଦନ କରାଯାଇଥିଲା । ଏହାପରେ ଅପିଲକାରୀମାନେ 1962 ମସିହା ଅକ୍ଟୋବର 17 ତାରିଖର ମୂଳ ଜି.ଓ.ଏମ୍.ଏସ୍. ସଂଖ୍ୟା- 1392 ଇଣ୍ଡଷ୍ଟ୍ରିଜ୍ 'କୁ ଆପତ୍ତି କରି କହିଥିଲେ ଯେ, ଯେଉଁ ମୂଳ ଉଦ୍ଦେଶ୍ୟ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା, ତାହା କାର୍ଯ୍ୟକ୍ଷମ ହୋଇ ନଥିଲା, ତେଣୁ ଅପିଲକାରୀମାନେ ସେମାନଙ୍କଠାରୁ ନିଆଯାଇଥିବା ଦଖଲକୁ ଫେରସ୍ତ ପାଇବାକୁ ହକଦାର ଅଟନ୍ତି । ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଏବଂ ଖଣ୍ଡପୀଠ ଦର୍ଶାଇଛନ୍ତି ଯେ, ଅଧିଗ୍ରହଣ କରାଯାଇଥିବା ଜମି ପୂର୍ବରୁ ରାଜ୍ୟରେ ନ୍ୟସ୍ତ ହୋଇସାରିଛି, ଅପିଲକାରୀମାନଙ୍କ ସ୍ୱତ୍ୱରେ-ଥିବା-ପୂର୍ବପୁରୁଷଙ୍କ ଦ୍ୱାରା କ୍ଷତିପୂରଣ ପାଇବା ପରେ, ସେମାନଙ୍କର ଅଧିସୂଚନାକୁ ଆପତ୍ତି କରିବାର କୌଣସି ଅଧିକାର ନାହିଁ । ତେଣୁ, ରିଟ୍ ଆବେଦନ ଏବଂ ରିଟ୍ ଅପିଲ ଖାରଜ କରିଦିଆଗଲା ।

ଅପିଲକାରୀଙ୍କ ପକ୍ଷରୁ ହାଜର ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଜି.ରାମାସ୍ୱାମୀ ଯୁକ୍ତି ବାଢ଼ିଛନ୍ତି ଯେ, ଅଧିନିୟମର ଧାରା- 40 ସହିତ ପଢାଯାଉଥିବା ଧାରା 44-B ର କାର୍ଯ୍ୟକାରିତା ଦ୍ୱାରା ଯେତେବେଳେ ସାର୍ବଜନୀନ ଉଦ୍ଦେଶ୍ୟ ଅସ୍ତିତ୍ୱ ହରାଇଥିଲା, ଅଧିଗ୍ରହଣ ଭୁଲ ହୋଇଯାଇଥିଲା ଏବଂ ତେଣୁ ଜି.ଓ. ଆଇନରେ ଭୁଲ ଥିଲା । ଯୁକ୍ତିରେ ଆମେ ବଳ ପାଉନାହୁଁ । ଏହା ଦେଖିବାକୁ ମିଳିଛି ଯେ, 1962 ମସିହା ଅକ୍ଟୋବର 17 ତାରିଖର 1392ର ଜି.ଓ.ଆର. ଅଧିସୂଚନା ପ୍ରକାଶ ପାଇବା ପରେ, ଅଧିଗ୍ରହଣ ପ୍ରକ୍ରିୟା ଚୂଡ଼ାନ୍ତ ହୋଇଯାଇଥିଲା, ଅପିଲକାରୀଙ୍କ ପିତାଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା ଏବଂ ଏହା ପରେ ଜମି ରାଜ୍ୟରେ ନ୍ୟସ୍ତ ହୋଇଯାଇଥିଲା । ଅଧିନିୟମର ଅଧ୍ୟାୟ VIIରେ ନିର୍ଦ୍ଧାରିତ ରାଜିନାମା ଅନୁଯାୟୀ, କମ୍ପାନୀ ତା'ଅଧୀନରେ ଥିବା ନିୟମ ନିବନ୍ଧନ ଓ ସର୍ତ୍ତାବଳୀ ଅନୁଯାୟୀ' ଦଖଲ 'ପ୍ରଦାନ କରିଥିଲା । ଏହା ଦେଖାଯାଏ ଯେ, ଗୋଟିଏ ସର୍ତ୍ତ ଥିଲା ଯେ, ସାର୍ବଜନୀନ ଉଦ୍ଦେଶ୍ୟ ବନ୍ଦ ହେବା ପରେ, ଅଧିଗ୍ରହଣ କରାଯାଇଥିବା ଜମି ସରକାରଙ୍କୁ ସମର୍ପଣ କରାଯିବ । ଏହାର ଅଗ୍ରଗତିରେ, ଜମିଗୁଡ଼ିକୁ ପୁନର୍ଦଖଲ କରିବା ପାଇଁ ସରକାରଙ୍କୁ ସମର୍ପଣ କରାଯାଇଥିଲା । ଏହାପରେ ଏହି ଜମି 5ମ ଉତ୍ତରଦାତା ଏସ୍.ଆର୍.ଭି.ଏସ୍. ଲିମିଟେଡକୁ ଆବଣ୍ଟନ କରାଯାଇଥିଲା, ଯାହା ମଧ୍ୟ ମୂଳ କମ୍ପାନୀର ଏକ ସହାୟକ ଏକୀକୃତ କମ୍ପାନୀ ଅଟେ । ତେଣୁ, ଯେଉଁ ସାର୍ବଜନୀନ

ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯାଇଥିଲା, ତାହା ଅନ୍ୟ ଏକ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ପ୍ରତିଷ୍ଠାପିତ ହୋଇଥିଲା । ଅଧିକନ୍ତୁ, ଏହି ପ୍ରଶ୍ନ ଶେଷରେ 32 ବର୍ଷ ପୂର୍ବେ ସମାଧାନ ହୋଇଥିଲା ଏବଂ ତେଣୁ ରିଟ୍ ଆବେଦନକୁ ତିନି ଦଶନ୍ଧି ପରେ ଏହି ଆଧାରରେ ଗ୍ରହଣ କରାଯାଇପାରିବ ଯେ, ମୂଳ ଉଦ୍ଦେଶ୍ୟ ସାର୍ବଜନୀନ ଉଦ୍ଦେଶ୍ୟରେ ନଥିଲା କିମ୍ବା ଜମି ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହୃତ ହୋଇପାରିବ ନାହିଁ।

ଏଭଳି ପରିସ୍ଥିତିଗୁଡ଼ିକରେ, ଆମେ ଭାବୁଛୁ ଯେ, ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ଗ୍ରହଣ କରିବାକୁ ମନା କରିଦେବା ଠିକ ଥିଲା ।

ତଦନୁସାରେ ଅପିଲକୁ ଖାରଜ କରାଯାଉଛି । କୌଣସି ଖର୍ଚ୍ଚ ନାହିଁ।

ଆର୍. ପି. ଅପିଲକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**